




# ସୁଦଶା ବ୍ରତ

### ଦମୟନ୍ତୀଙ୍କର

### ଶ୍ରୀ ସୁଦଶା ବ୍ରତ କଥା ଆରମ୍ଭ

ବନ୍ଦଇ ପରମ ଲକ୍ଷ୍ମୀ ଜଗତ ତାରିଣୀ । ସମୁଦ୍ର ମନ୍ଥନୁ ଜାତ ହୋଇଲୁ ତୁପୁଣି ।୧। ତେଣୁ କରି ନାମ ହେଲା ଲକ୍ଷ୍ମୀ ନାରାୟଣୀ । ବିଷ୍ଣୁଙ୍କ ଘରଣୀ ମାଗୋ ଅଟୁ କମଳିନୀ ।୨। ଏଥୁ ଅନନ୍ତରେ ଦିନେ ଏମନ୍ତ ସମୟେ । ନାରଦ ମହର୍ଷି ଇନ୍ଦ୍ର ଭୁବନେ ବିଜୟେ ।୩। ଷଡ଼ ଅର୍ଘ୍ୟ ଦେଇ ଇନ୍ଦ୍ର ପାଦ ପୂଜା କଲେ । ବସିବା ନିମନ୍ତେ ଦିବ୍ୟ ଆସନେକ ଦେଲେ ।୪।

### ଇନ୍ଦ୍ର ଉବାଚ

କେବଣ ବ୍ରତ କଲେ କେବଣ ଫଳପାଇ । ଘରଣୀ ପୁତ୍ର ଦୁହିତା କେମନ୍ତେ ମିଳଇ ।୧। ଏହା ମୋତେ ସଂକ୍ଷେପିଣ କହିବା ଗୋସାଇଁ । ତବ ମୁଖୁ ଶୁଣିଲେ ପ୍ରତେ ଯିବି ମୁହିଁ ।୨।

### ନାରଦ ଉବାଚ

ଶୁଣ ଏବେ ଇନ୍ଦ୍ର ସେହି ବ୍ରତର ମହିମା । ଯହିଁରେ ସନ୍ତୋଷ ହୁଅନ୍ତି ମହାଲକ୍ଷ୍ମୀ ଉମା ।୧। ମର୍ତ୍ତ୍ୟ ମଣ୍ଡଳରେ ତା'ର ଅବନ୍ତୀ ନଗର । ତହିଁ

smartpujaguide.com

ବିଷ୍ଣୁ କର ବୋଲି ଅଟେ ଦ୍ୱିଜବର ।୨। ତାହାର ଭାରିଯା ନାମ ଅଟେ ଲକ୍ଷ୍ମୀବତୀ । ସେ ବ୍ରାହ୍ମଣୀ ଲକ୍ଷ୍ମୀ ବ୍ରତ ସର୍ବଦା କରନ୍ତି ।୩। ଲକ୍ଷ୍ମୀଙ୍କର ଦୟା ତେଣୁ ହେଲା ତା' ଉପରେ । ଅଚଳ ସମ୍ପତ୍ତି ଭୋଗ କରେ ମାଞ୍ଚପୁରେ ।୪। ଏଥୁ ଅନ୍ତରେ ଇନ୍ଦ୍ର ଶୁଣ ମନ ଦେଇ । ଲକ୍ଷ୍ମୀଙ୍କର ବ୍ରତ ତୋତେ କହିବା ବୁଝାଇ ।୫। ମାଘ ମାସ ଶୁକ୍ଳପକ୍ଷ ଦଶମୀ ଗୁରୁବାର । ଶ୍ରୀ ସୁଦଶାବ୍ରତ ଗୋଟି ପଡ଼େ ସେ ଦିନର ।୬। ସେହି ଦିନ ବ୍ରାହ୍ମଣୀ ଯେ ପ୍ରଭାତୁ ଉଠିଲା । ଏକବର୍ଣ୍ଣ ଗାଈର ଯେ ଗୋବର ଆଣିଲା ।୭। ସୁସଞ୍ଚ କରି ଘର ଦୁଆର ଲିପିଲା । ନଦୀରେ ସ୍ନାନ କରିଣ ଘରକୁ ଅଇଲା ।୮। ତଣ୍ଡୁଳ ବାଟିଣ ଝୋଟି ଆଭରଣ କଲା । ଶ୍ରୀ ମରମା ଲକ୍ଷ୍ମୀଙ୍କୁ ସେ ସୁମରଣ କଲା ।୯। ଦଶବର୍ଣ୍ଣ ମୂରୁଜରେ ପିତୁଳା ଲିପିଲା । ଦଶ ଯେ ପାଖୁଡ଼ା କରି ପଦ୍ମେକେ ଲେଖିଲା ।୧୦। ତହିଁର ଉପରେ ପୂର୍ଣ୍ଣ ଘଟକେ ସ୍ଥାପିଲା । ଘଟର ଉପର ଚୂତ ଡାଳକ ଥୋଇଲା ।୧୧। ନାରିକେଳ ଏକ ଗୋଟି ଘଟପରେ ଦେଲେ । ଦଶମୁଖୀ ଦୀପାବଳୀ ଜାଗର ଜାଳିଲେ ।୧୨। ଦଶଖିଆ ଧଳା ସୂତ୍ରେ ବ୍ରତକୁ ଭାଙ୍ଗିଲେ । ଗଉରୀ ନାମେଣ ବେତ ପାଖରେ ଥୋଇଲେ ।୧୩। ଦଶମୁଷ୍ଟି ତଣ୍ଡୁଳ ସେ ଘଟ ପାଖେ ଦେଲେ । ବଦରି ଫଳ ଗୋଟିଏ ଗୋଟିଏ ଯେ ଦେଲେ ।୧୪। ଉପରେ ଚନ୍ଦ୍ରାତପ ଚାନ୍ଦୁଆ ଟଣାଇଲେ । ଦଶ ମେଞ୍ଚା ହଳଦୀ ସେ ପୂର୍ଣ୍ଣକୁମ୍ଭ ଦେଲେ ।୧୫। ସିନ୍ଦୂର କଜଳ ନେଇ ଘଟପରେ ଦେଲେ । ଶ୍ରୀ ପରମା ଲକ୍ଷ୍ମୀଙ୍କୁ ଯେ ସୁମରଣା କଲେ ।୧୬। ଛେନାପଣା କଦଳୀ ଯେ ସରଘୃତ ଦେଲେ । ଦଶଗୋଟି ମଣ୍ଡା ଦେଇ ଆଗରେ ଥୋଇଲେ ।୧୭। କପୂରରେ ଯୁକ୍ତ କରି ଆଣିଣ ବାଢ଼ିଲେ । କର୍ପୂରରେ ଯୁକ୍ତ କରି ଆଣିଣ ବାଢ଼ିଲେ । ନଇବେଦ୍ୟ ଦେଇ ପୁଣି କଥା ଯେ ଶୁଣିଲେ ।୧୮। ଶ୍ରୀ ମହାଲକ୍ଷ୍ମୀଙ୍କି ସେ ସୁମରଣା କଲେ ।



ଲକ୍ଷ୍ମୀ ଦଶ ନାମ ଧରି ବ୍ରତେ ଗଣ୍ଠି ଦେଲେ।୧୯। ପ୍ରଥମ ଗଣ୍ଠିର ନାମ ଲକ୍ଷ୍ମୀନାରାୟଣୀ। ଦ୍ୱିତୀୟ ଗଣ୍ଠିର ନାମ ହେଲା କମଳିନୀ।୨୦। ତୃତୀୟ ଗଣ୍ଠିର ନାମ ଶ୍ରୀ ହରିହର ପ୍ରୀୟା। ଚତୁର୍ଥ ଗଣ୍ଠିର ନାମ ଅଟେ ପଦ୍ମାଳୟା ।୨୧। ପଞ୍ଚମ ଗଣ୍ଠିର ନାମ ଅଟଇ କମଳା । ଷଷ୍ଠ ଗଣ୍ଠିର ନାମଟି ହୋଇଲା ଚଞ୍ଚଳା।୨୨। ସପ୍ତମ ଗଣ୍ଠିର ନାମ ଅଟେ ବିଘ୍ନସେନୀ। ଅଷ୍ଟମ ଗଣ୍ଠିର ନାମ ସିନ୍ଧୁର ଦୁଲ୍ଲରୀ।୨୩। ନବମ ଗଣ୍ଠିର ନାମ ଦୁର୍ଗତୀ ନାଶିନୀ। ଦଶମ ଗଣ୍ଠିର ନାମ ବିଷ୍ଣୁ ପାଟରାଣୀ।୨୪। ଦଶନାମ ଧରିଣ ସେ ବ୍ରତ ଗଣ୍ଠି ଦେଲେ । ଲକ୍ଷ୍ମୀ ନାରାୟଣୀ ବୋଲି ମନେ ସୁମରିଲେ।୨୫। ସୂର୍ଯ୍ୟଙ୍କୁ ଯେ ଅର୍ଘ୍ୟ ଦେଇ ବନ୍ଦାପନା କଲେ। ନଦୀରୁ ଯେ ପାଣି ତୁମ୍ଭେ ଆଣିବାକୁ ଗଲେ।୨୬। ବ୍ରତ ହସ୍ତରୁ ଖସାଇ ଜଳରେ ରଖିଲେ। ଜଳ ଭିତରେ ଯାଇଣ ବ୍ରାହ୍ମଣୀ ପଶିଲେ।୨୭। ମାଂସ ମେଞ୍ଚା ପ୍ରାୟ ପାଟବସ୍ତ୍ର ଦିଶୁଥିଲା। ଚିଲପକ୍ଷୀ ଝାମ୍ପ ଦେଇ ବେଗେ ଘେନିଗଲା ।୨୮। ସେ ବ୍ରାହ୍ମଣୀ ଜଳ ଘେନି କୂଳକୁ ଅଇଲା। ବ୍ରତ ନ ଦେଖିଣ ସେହୁ ବିସ୍ମୟ ହୋଇଲା ।୨୯। ଚଉରି ଦିଗରୁ ବ୍ରାହ୍ମଣୀ ନିରେଖି ଚାହିଁଲା । ଦେଖିଲା ସେ ବ୍ରତ ଚିଲ ଘେନି ଯାଉଥିଲା। ।୩୦। ଚିଲ ପଛେ ପଛେ ସେ ବ୍ରାହ୍ମଣୀ ଗୋଡ଼ାଇଲା। ସେ ଚିଲ ଯାଇଣ ଏକ ବନସ୍ତେ ପଶିଲା। ୩୧ । ବ୍ରତ ନ ପାଇ ବ୍ରାହ୍ମଣୀ ବିକଳେ କାନ୍ଦିଲା। ଚିଲପକ୍ଷୀ ବନସ୍ତେ ଅଦୃଶ୍ୟ ହୋଇଗଲା ।୩୨। ଏଥୁ ଅନନ୍ତରେ ଇନ୍ଦ୍ର ଶୁଣ ହେ ବୋଇଲା। ମୃଗୟା ବିନୋଦେ ନବ ବନସ୍ତକୁ ଗଲା ।୩୩। ବ୍ରାହ୍ମଣୀ ରୋଦନ ରାଜା କର୍ଣ୍ଣେ ଯେ ଶୁଣିଲେ। ଏ ବନସ୍ତେ କେ କାନ୍ଦୁଛି ବୋଲିଣ ବୋଇଲା।୩୪। ସୈନିକ ସଖା ଘେନି ରାଜା ବିଜେ କରିଲେ। ବ୍ରାହ୍ମଣୀ ପାଖରେ ଯାଇ ପ୍ରବେଶ ହୋଇଲେ।୩୫। କି ନିମନ୍ତେ କାନ୍ଦୁଅଛୁ ବୋଲିଣ

smarteduguide.com

ବୋଇଲେ ।୩୬। ଏହା ଶୁଣି ବ୍ରାହ୍ମଣୀ ଯେ ରାଜାଙ୍କୁ କହଇ। ମୋହର
ଦୁଃଖକୁ ବାବୁ ପାରିବ କି ଫେଡ଼ି ।୩୭। ନଳ ରାଜା ବୋଇଲେ ଯେ କି
ଦୁଃଖ ତୋହର। ମୋ ଆଗେ କହିଲେ ତାହା କରିବଇଁ ଦୂର ।୩୮।
ଏହା ଶୁଣି ବ୍ରାହ୍ମଣୀ ଯେ ବୋଲଇ ଉତ୍ତର। ସତ୍ୟ କର ତୁମ୍ଭେ ରାଜା
କହିବି ଛାମୁର ।୩୯। ବ୍ରାହ୍ମଣୀର ବାକ୍ୟ ଶୁଣି ରାଜା ସତ୍ୟ କଲେ। ଯାହା
ତୁମ୍ଭେ ମାଗ ତାହା ଦେବଇଁ ବୋଇଲେ ।୪୦। ଏହା ଶୁଣି ବ୍ରାହ୍ମଣୀ ଯେ
ହରଷ ହୋଇଲା। ମୋହର ସୁଦଶା ବ୍ରତ ଚିଲ ଘେନି ଗଲା ।୪୧।
ତୁମ୍ଭର ଯେ ମହାଦେଈ ବ୍ରତ କରୁଛନ୍ତି। ସେହି ବ୍ରତ ଗୋଟି ତୁମ୍ଭେ ଦେବା
ହେ ନୃପତି ।୪୨। ଏହାଶୁଣି ମହାରାଜା ସନମତ କଲେ। ବ୍ରାହ୍ମଣୀକୁ
ଘେନି ନିଜ ରାଜ୍ୟେ ଚଳିଗଲେ ।୪୩। ବ୍ରାହ୍ମଣୀକୁ ସିଂହଦ୍ୱାରେ ବସାଇ
ନୃପତି। ଅନ୍ତଃପୁରକୁ ଗମନ କରିଲେ ତଡ଼ତି ।୪୪। ରାଣୀକୁ ପାଇଣ
ନଳ ରାଜା ଯେ କହିଲେ। ଆମ୍ଭଙ୍କୁ ଏକ ମାଗୁଣି ଦେବଇଁ ବୋଇଲେ
।୪୫। ଏହାଶୁଣି ମହାରାଣୀ ସ୍ତବ୍ଧ ହୋଇଗଲେ। ଆମ୍ଭଙ୍କୁ କିଏ ମିଳିବ
ଦେବଇ ବୋଇଲେ ।୪୬। ନଳରାଜା ବୋଇଲେ ଗୋ ସତ୍ୟ ଏବେ
କର। ତେବେ ମୁଁ କହିବି ସିନା ମାଗଣି ମୋହର ।୪୭। ଏହା ଶୁଣି ମହାଦେଈ
ସତ୍ୟବାକ୍ୟ କଲେ। ଯେଇଚ୍ଛା ତୁମ୍ଭର ରାଜା ମାଗହୋ ବୋଇଲେ ।୪୮।
ସତ୍ୟ ବାକ୍ୟ ଶୁଣି ରାଜା ବୋଇଲେ ଉତ୍ତର। ଶ୍ରୀ ସୁଦଶା ବ୍ରତ ଗୋଟି ଦିଅ
ଗୋ ତୁମ୍ଭର । ୪୯ । ଏହା ଶୁଣି ମହାରାଣୀ ବିସ୍ମୟ ହୋଇଲେ। ଶ୍ରୀ
ସୁଦଶାବ୍ରତ ଦେବା ନୁହଇଁ ବୋଇଲେ ।୫୦। ଏହି ବ୍ରତ ଗୋଟି ଅନ୍ୟକୁ
ଯେ ନ ଦିଅନ୍ତି। ବ୍ରତ ଦେଲେ କନ୍ଧରୁ ଯେ ଲକ୍ଷ୍ମୀ ଛାଡ଼ିଯାନ୍ତି।୫୧। ଦରିଦ୍ର
ଭିକ୍ଷୁକ ବ୍ୟାଧିବନ୍ତ ଯେହୁ ହୋଇ। ଲକ୍ଷ୍ମୀଙ୍କର ବ୍ରତ ଏହି ଦେଇ ନ
ପାରଇ।୫୨। ଜଞ୍ଜାଳ କରିଣ ରାଜା ପୁନଶ୍ଚ ମାଗିଲେ। ହସ୍ତରୁ ଖସାଇ



ବ୍ରତ ରାଜା କରେ ଦେଲେ ।୫୩। ବ୍ରତ ପାଇ ମହାରାଜା ବେଗେ
ଚଳିଗଲେ । ବ୍ରାହ୍ମଣୀ ହସ୍ତରେ ବ୍ରତ ଦେଇଣ ଯେ ଦେଲେ ।୫୪। ବ୍ରତ
ପାଇ ବ୍ରାହ୍ମଣୀ ଯେ ଆନନ୍ଦ ହୋଇଲା । ରାଜାଙ୍କୁ ଆଶୀଷ କରି ନିଜ ପୁରେ
ଗଲା ।୫୫। ସେ ବ୍ରତ ନେଇ କଞ୍ଚା ଦୁଧରେ ଧୋଇଲା । ଦଶଗୋଟି
ମଶାକରି ପାଣି ଛଡ଼ାଇଲା ।୫୬। ଅପଣା ହସ୍ତରେ ନେଇ ବ୍ରତକୁ
ବାନ୍ଧିଲେ । ପାରଣ କରି ବ୍ରାହ୍ମଣୀ ଆନନ୍ଦେ ରହିଲେ।୫୭। ନାରଦଙ୍କୁ
ଚାହିଁ ଇନ୍ଦ୍ର ପୁଣି ପୁଚ୍ଛାକଲେ । ନଳରାଜାଙ୍କର କିସ ହୋଇଲା
ବୋଇଲେ ।୫୮। ନାରଦ ବୋଇଲେ ଶୁଣ ଇନ୍ଦ୍ର ମନ ଦେଇ । ନଳ
ରାଜାଙ୍କ ବିପତ୍ତି ତତେ ଦେବା କହି ।୫୯। ଚରିଯିବା ଗୋରୁ ଆ:ଓ
ଘରକୁ ନଇଲେ । ପୋତିଲାର ଧନ ସବୁ ବାସୁକୀ ହରିଲେ ।୬୦। ଧାନ
ଚାଉଳ ତ ସବୁ ବସି ଯେ ଖାଇଲେ । ଶତ୍ରୁ ଆସିଣ ରାଜ୍ୟରେ ଉପଗତ
ହେଲେ ।୬୧। ରାଜା ରାଣୀ ଅନ୍ନ ବସ୍ତ୍ର କିଛି ନ ପାଇଲେ । ରାଜାଙ୍କୁ
ରାତ୍ରରେ କାଳ ପୁରୁଷ ଡାକିଲେ ।୬୨। ରାଜ୍ୟ ଛାଡ଼ିକରି ରାଜା ପଳାଇଣ
ଯାଅ । ରାଜ୍ୟେ ଥିଲେ ନିଶ୍ଚୟ ମରିବୁ ନ ପନାହା ।୬୩। ଏହାଶୁଣି
ନଳ ରାଜା ଚେତିଣ ଉଠିଲେ । ମହାଦେଈ ପାଶେ ଯାଇ ସକଳ
କହିଲେ ।୬୪। ଚାଲ ତୁମ୍ଭ ପିତାଘର ଯିବା ହେ ବୋଇଲେ । ଏହା ଶୁଣି
ମହାଦେଈ ସନମତ କଲେ ।୬୫। ସଭାଚନ୍ଦ୍ର କୁମରକୁ ହକାରି ଆଣିଲେ ।
ଗୃହକୁ ଛାଡ଼ିଣ ବିଜେ ରାଜାରାଣୀ କଲେ ।୬୬। ପ୍ରଥମରେ ଯାଇ ଏକ
ପୋଖରୀ ଦେଖିଲେ । ଏଠାରେ ସ୍ନାହାନ ରାଣୀ କରିବା ବୋଇଲେ ।୬୭।
ଏଠାରେ ସ୍ନାହାନ କରି ଯେ କିସ କରିବା । ପାଖରେ ତ କିଛି ନାହିଁ କଅଣ
ଖାଇବା ।୬୮। ଏହା କହି ରାଣୀ ଜଳରେ ପଶିଲେ । ଚାରୋଟି ଗଡ଼ିଶା
ମାଛ ଧରିଣ ଆଣିଲେ ।୬୯। ଏହି ମାଛ ପୋଡ଼ି ରାଣୀ ରଖିଥାଅ ନେଇ ।

smartedguide.com

ପାଖେ ଅଛି ଗ୍ରାମେ ଭିକ୍ଷା ମାଗିଣ ଆଣଇ ।୭୦। ଏହା କହି ମହାରାଜା ବିଜେ କରିଗଲେ । ବିଷ୍ଣୁକର ପଣ୍ଡା ଘରେ ପ୍ରବେଶ ହୋଇଲେ ।୭୧। ଆମ୍ଭକୁ ଭୋଜନ କିଛି ଦେବକି ବୋଇଲେ । ଏହା ଶୁଣି ବ୍ରାହ୍ମଣୀ ଯେ ଅନ୍ନ ଆଣି ଦେଲେ ।୭୨। ହରଷ ହୋଇ ରାଜା ଲେଉଟି ଅଇଲେ । ଗୃହେ ପତ୍ନୀ ଘରେ ଅନ୍ନ ଦାନକୁ ଥୋଇଲେ ।୭୩। ଝାମ୍ପ ଦେଇ କାକ ପଧୀ ଦାନ ଘେନିଗଲା । ତଳେ ପଡ଼ି ଅନ୍ନମାଟି ଧୂଳି ହୋଇଗଲା ।୭୪। ବିରସ ହୋଇଣ ରାଜା ସେଠାରୁ ଆସିଲେ । ଏହା ଦେଖି ମହାରାଣୀ ସ୍ତମ୍ଭୀଭୂତ ହେଲେ ।୭୫। ଯେଉଁ ମାଛ ପୋଡ଼ି ରାଣୀ ରଖିଥିଲେ ନେଇ, ସେହି ମାଛ ଜୀବପାଇ ଜଳେ ଗଲେଡେଇଁ ।୭୬। ଆଚମ୍ବିତ ହୋଇ ରାଣୀ କଲେକ କ୍ରନ୍ଦନ । ପାଶେ ଆସି ମହାରାଜା ମିଳିଲେ ବହନ ।୭୭। ମହାରାଣୀ ବୋଲେ ଲକ୍ଷ୍ମୀ ଛାଡ଼ିଲେ ଆମ୍ଭଙ୍କୁ । ପୋଡ଼ା ମାଛଜୀବ ପାଇ ଡେଇଁଲେ ଜଳକୁ ।୭୮। ଏହା ଦେଖି ମହାରାଜା ବିସ୍ମୟ ହୋଇଲେ । ଚାଲ ଏଠାବରୁ ରାଜା ବୋଲିଣ ବୋଇଲେ ।୭୯। ଏତେକହି ରାଜା ରାଣୀ ବିଜେ କରିଗଲେ । ବନସ୍ତ ଭିତରେ ଏକ ଦ୍ୱୀପ ଯେ ଦେଖିଲେ ।୮୦। ସଭା ଚନ୍ଦ୍ର କୁମରକୁ କୋଳରେ ଧଇଲେ । ନଦୀ ପାର ହୋଇ ରାଜା ରାଣୀ ଯାଉଥିଲେ ।୮୧। ଏମନ୍ତ ସମୟେ ଏକ କୁମ୍ଭୀର ମିଳିଲା । ସଭାଚନ୍ଦ୍ର କୁମରକୁ ତଡ଼ତେ ଗିଳିଲା ।୮୨। ଏହା ଦେଖି ରାଜା ରାଣୀ ବେଗେ ପଳାଇଲେ । କାନ୍ଦି କାନ୍ଦି ଯାଇଣ ଯେ ବନସ୍ତେ ପଶିଲେ ।୮୩। ଭଙ୍ଗା ମନ୍ଦିର ଗୋଟାଏ ସେଠାରେ ଦେଖିଲେ । ରାଜାରାଣୀ ସେ ମନ୍ଦିର ଭିତରେ ରହିଲେ ।୮୪। ଅଳଙ୍କାର ଖୋଲିରାଣୀ ଆଞ୍ଚଳେ ବାନ୍ଧିଲେ । ସେହିଠାରେ ରାଜାରାଣୀ ଶ୍ରମେ ନିଦ୍ରା ଗଲେ ।୮୫। ସେ ମନ୍ଦିର କାନ୍ଥେ ଚିତ୍ରମୟୂର ଯେ ଥିଲା । ରାଣୀ ଅଳଙ୍କାରମାନ ସବୁ



ଗିଳିଦେଲା ।୮୬। ରାଣୀଙ୍କ ନୟନେ କାଳନିଦ୍ରା ଯେ ଘାରିଲା । ରାଣୀଙ୍କ ନୟନେ କାଳନିଦ୍ରା ଯେ ଘାରିଲା । ରାଣୀଙ୍କୁ ଛାଡ଼ି ରାଜା ତହୁଁ ପଳାଇଲେ ।୮୭। ସେଠାବରୁ ନଳରାଜା ଭ୍ରମି ଭ୍ରମି ଗଲା । ଭୀମରାଜା ରାଜ୍ୟେ ଯାଇଁ ପ୍ରବେଶ ହୋଇଲା ।୮୮। ଭୀମରାଜା ଆଗରେ ସେ ଜଣାଇବେ ଯାଇ । ଆମ୍ଭଙ୍କୁ ରଖ ହେ ରାଜା କିଛି ପଣ ଦେଇ ।୮୯। କେଉଁ ଦେଶେ ଘର ପୁଣି କେଉଁ ଜାତି ଶୁଣ । କେଉଁ କେଉଁ ବିଦ୍ୟମାନ କରିଛ ସାଧନ ।୯୦। ନଳ ରାଜାଙ୍କର ସୂପକାର ଥିଲି ମୁହିଁ, ଚଉରାଶଉରୀ ବିଧି ରାନ୍ଧଣା ଜାଣଇଁ ।୯୧। ଏହା ଶୁଣି ଭୀମରାଜା ହରଷ ହୋଇଲେ ।୯୨। ଆଜ୍ଞା ପାଇ ନଳରାଜା ସନମତ କଲେ । ରୋଷେଇ ଶାଳରେ ଯାଇଁ ପ୍ରବେଶ ହୋଇଲେ ।୯୩। ରାତ୍ର ପାହିଲାରୁ ରାଣୀ ନିଦ୍ରାରୁ ଉଠିଲେ । ରାଜାଙ୍କୁ ନ ଦେଖି ରାଣୀ ଡାକ ଛାଡ଼ି ଦେଲେ ।୯୪। ରାଜାଙ୍କୁ ନ ପାଇଁ ରାଣୀ କାନ୍ଦି କାନ୍ଦି ଗଲା । ଛନ୍ନ ଛନ୍ନ ହୋଇ ସେ ସ୍ଥାନରୁ ଚଳିଗଲା ।୯୫। ବାଟେ ପଚାରି ପଚାରିଣ ଗଲା । ଭୀମୀରାଜା ରାଜ୍ୟେ ଯାଇ ପ୍ରବେଶ ହୋଇଲା ।୯୬। ଭୀମସେନ ଅନ୍ତଃପୁରେ ଯାଇଣ ମିଳିଲା । ଲକ୍ଷ୍ମୀଙ୍କ ମାୟାରୁ ନିଜ ମାତା ନ ଚିହ୍ନିଲା ।୯୭। ଦମୟନ୍ତୀ କହନ୍ତି ଯେ ମହାଦେଇପାଶ । ଭାତ ଲୁଗା ଦେଇ ରଖ ତୁମ୍ଭର ଉଆସ ।୯୮। ନଳ ରାଜାଙ୍କର ଦାସୀ ହୋଇଥିଲି ମୁହିଁ । କର୍ମ ଅଭାଗ୍ୟରୁ ମୁହିଁ ସେଠାରୁ ଆସଇ ।୯୯। ଏହା ଶୁଣି ମହାଦେଇ ହରଷ ହୋଇଲେ । ଆମ୍ଭ ଅନ୍ତଃପୁରେ ଦାସୀ ହୋଇଥାଅ ଭଲେ ।୧୦୦। ଏହା ଶୁଣି ଦମୟନ୍ତୀ ସନମତ କଲେ । ନଳ ଦମୟନ୍ତୀ ଦୁହେଁ ସେଠାରେ ରହିଲେ ।୧୦୧। ଏଥୁ ଅନନ୍ତରେ ଶୁଣ ଇନ୍ଦ୍ର ମନ ଦେଇ । ନଳ ରାଜାଙ୍କର ଶୁଭବାର୍ତ୍ତା ହେବା କହି ।୧୦୨। ଭାଦ୍ରମାସ ଶୁକ୍ଳପକ୍ଷ ଦଶମୀ ଗୁରୁବାର । ଶ୍ରୀ ସୁଭଦ୍ରା ବ୍ରତ ଗୋଟି ପଢ଼େ

smartedguide.com

ସେ ଦିନର ।୧୦୩। ପାଟ ଜ୍ୟୋତିଷ ଯାଇ ରାଣୀଙ୍କୁ କହିଲା । କାଲୁଠୁ ସୁଦଶା ବ୍ରତ ପଡୁଛି ବୋଇଲା ।୧୦୪। ଜ୍ୟୋତିଷଙ୍କୁ ଧନରତ୍ନ ଦେଇ ବିଦା କଲା । ଦାସୀମାନଙ୍କୁ ଡାକିଣ ବୁଝାଇ କହିଲା ।୧୦୫। ପ୍ରଭାତରୁ ଉଠି ଦାସୀମାନେ ଚଳିଗଲେ । ଏକବର୍ଣ୍ଣ ଗାଈର ସେ ଗୋବର ଆଣିଲେ । ୧୦୬। ସୁସଞ୍ଚ କରିଣ ଘର ଦୁଆର ଲିପିଲେ । ନଦୀରେ ସ୍ନାନ କରିଣ ଘରକୁ ଆସିଲେ ।୧୦୭। ତଣ୍ଡୁଳ ବାଟିଣ ଖୁଣ୍ଟିଆଳ ପଣାଦେଲେ । ଏହା ଦେଖି ଦମୟନ୍ତୀ ରାଣୀଙ୍କୁ କହିଲେ ।୧୦୮। ମହାରାଣୀ ମୋ ପ୍ରତି ଯଦି ଦୟା ହେବ । ଓଷାର ଉପକରଣ ଯେବେ ମୋତେ ଦେବ ।୧୦୯। ଶ୍ରୀ ସୁଦଶା ବ୍ରତଟିଙ୍କୁ କରନ୍ତି କହିଲେ । ଏହାଶୁଣି ମହାଦେଈ ସନ୍ତୋଷ ହୋଇଲେ ।୧୧୦। ବ୍ରତ ଯେବେ କର ଗୋ ବୋଇଲେ । ଦମୟନ୍ତୀ ଶୀଘ୍ର ସ୍ନାନ କରିଣ ଆସିଲେ ।୧୧୧। ଅତି ଯତନରେ ନେଇ ଘଟିକେ ସ୍ଥାପିଲେ । ହଳଦୀ ଚନ୍ଦନ ନେଇ ଘଟପରେ ଦେଲେ ।୧୧୨। ଚୂତ ଡାଳ ଦେଇ ଦୀପମାନ ଲଗାଇଲେ । ଧୂପ ଦୀପ ନୈବେଦ୍ୟ ଯେ ଗନ୍ଧପୁଷ୍ପ ଦେଲେ ।୧୧୩। ପୁରମଣ୍ଡା ଦଶଗୋଟି ଆଗରେ ଥୋଇଲେ । ମହାଲକ୍ଷ୍ମୀଙ୍କୁ ସୁମରି ସେଠାରେ ବସିଲେ ।୧୧୪। ଲକ୍ଷ୍ମୀ ଦଶନାମ ଧରି ବ୍ରତେ ଗଣ୍ଠି ଦେଲେ । ଆସ ଆସ ମହାଲକ୍ଷ୍ମୀ ହୃଦେ ସୁମରିଲେ ।୧୧୫। ପ୍ରଥମ ଗଣ୍ଠିର ନାମ ଲକ୍ଷ୍ମୀ ନାରାୟଣୀ । ଦ୍ୱିତୀୟ ଗଣ୍ଠିର ନାମ ହେଲା କମଳିନୀ ।୧୧୬। ତୃତୀୟ ଗଣ୍ଠିର ନାମ ଶ୍ରୀ ହରିପ୍ରିୟା । ଚତୁର୍ଥ ଗଣ୍ଠିର ନାମ ଅଟେ ପଦ୍ମାଳୟା ।୧୧୭। ପଞ୍ଚମ ଗଣ୍ଠିର ନାମ ସିନ୍ଧୁର ଅଟଇ । ଷଷ୍ଠ ଗଣ୍ଠିର ନାମ ଯେ ହୋଇଲା ଚଞ୍ଚଳା ।୧୧୮। ସପ୍ତମ ଗଣ୍ଠିର ନାମ ଅଟେ ବିଘ୍ନସେନୀ । ଅଷ୍ଟମ ଗଣ୍ଠିର ନାମ ସିନ୍ଧୁର ଦୁଲ୍ଲଣୀ ।୧୧୯। ନବମ ଗଣ୍ଠିର ନାମ ଦୁର୍ଗତି ନାଶିନୀ । ଦଶମ ଗଣ୍ଠିର ନାମ ବିଷ୍ଣୁ ପାଟରାଣୀ ।୧୨୦।



ଲକ୍ଷ୍ମୀ ଦଶ ନାମ ଧରି ବ୍ରତେ ଗଣ୍ଠି ଦେଲେ । ପରମାଲକ୍ଷ୍ମୀଙ୍କୁ ମନେ ସୁମରଣା କଲେ ।୧୨୧। ଭୋଗରୁ ଲକ୍ଷ୍ମୀ ମୋତେ ଅନୁଗ୍ରହ ହେଉ । ପୁତ୍ର ଗେରସ୍ତ ଆବର ରାଜ୍ୟ ପ୍ରାପ୍ତି ହେଉ ।୧୨୨। ଏସନ ଭାବନା କରି ମନେ ସୁମରିଲେ । ପ୍ରସନ୍ନ ହୋଇଣ ଲକ୍ଷ୍ମୀ ରାଣୀଙ୍କୁ କହିଲେ ।୧୨୩। ଯାଅ ତୋର ପୁଅ ସ୍ୱାମୀ ପ୍ରାପତ ହୋଇବେ । ତୋର ହସ୍ତେ ଶତ୍ରୁମାନେ ନିପାତ ହୋଇବେ ।୧୨୪। ନଳ ରାଜାଙ୍କୁ ଲକ୍ଷ୍ମୀ ସନ୍ତୋଷ ହୋଇଲେ । ଏଣେ ବଳ ରାଜାଙ୍କର ମନ୍ତ୍ରୀ ବିଚାରିଲେ ।୧୨୫। ଆମ୍ଭର ଯେ ମହାରାଜା କେଣେ ଚଳିଗଲେ । ରାଜ୍ୟର କାହାକୁ ରାଜା କରିବା ହୋଇଲେ ।୧୨୬। ଏହାଶୁଣି କେହି ବୋଲେ ହେବି ମୁଁ ରାଜନ । ଆଉ ବୋଲେ ମୁହିଁ ହେବି ନୃପରାଣ ।୧୨୭। ଏହିପରି ପରସ୍ପରେ କରିଲେକ ଗୋଳ । ତହିଁ ସୁବୁଦ୍ଧି ନାମରେ ଥିଲା ମନ୍ତ୍ରୀବର ।୧୨୮। ମନ୍ତ୍ରୀ କହେ ଆମ୍ଭ ରାଜା କେଉଁଠାରେ ଛନ୍ତି । ଆଉ ଜଣେ କେଉଁପରି ହୋଇବ ନୃପତି ।୧୨୯। ମନ୍ତ୍ରୀ ବୋଇଲେ ଶୁଣ ସର୍ବେ ମୋର ବିଚାର । ପଟହସ୍ତୀକୁ ମଣ୍ଡୀଣ ଛାଡ଼ି ଯା ସତ୍ୱର ।୧୩୦। ସୁବର୍ଣ୍ଣ କଳସେ ଗଙ୍ଗାଜଳ ଶିରେ ଦେଇ । ଛାଡ଼ିଦେବା ଯାହାପରେ ଢାଳିବ ଯେ ସେହି ।୧୩୧। ତାହାକୁ ରାଜ୍ୟରେ ରାଜା କରିବାଟି ଜାଣ । ପାଟହସ୍ତୀ ମଣି ଛାଡ଼ି ଦେଲେ ତତକ୍ଷଣ ।୧୩୨। ମନ୍ତ୍ରୀ ପୁରୋହିତ ସହ ସକଳ ଚଳିଲେ । ରାଜ୍ୟର ପରଜା ବୃନ୍ଦ ସର୍ବେ ଗୋଡ଼ାଇଲେ ।୧୩୩। ନିଜ ଇଚ୍ଛାମତେ ହସ୍ତୀ ଦ୍ରୁତଗାମୀ ହୋଇ । ଭୀମ ରାଜା ରାଜ୍ୟେ ପ୍ରବେଶିଲେ ହସ୍ତୀ ଯାଇ ।୧୩୪। ପାଟହସ୍ତୀ ଯାଇ ନଳରାଜାଙ୍କୁ ଭେଟିଲା । ସୁବର୍ଣ୍ଣ କଳସ ଜଳ ଶିରରେ ଢାଳିଲା ।୧୩୫। ରାଜାଙ୍କୁ ନେଇଣ ହସ୍ତୁ ପୃଷ୍ଠେ ବସାଇଲେ । ଜୟ ନଳରାଜା ବୋଲି ଉଚ୍ଚେ ଡାକ ଦେଲେ ।୧୩୬। ସେ ନଗ୍ରରେ ନର ନାରୀମାନେ ଦେଖୁଥିଲେ । ରାଜାଙ୍କ ଅଗ୍ରତେ ଯାଇ

smartedguide.com

ସମସ୍ତ କହିଲେ ।୧୩୭। ଗୁପ୍ତେ ନଳରାଜା ସୁପକାର ପଣେ ଥିଲେ ।
ଏଥି ଥିବାଯାଏ ତାକେହି ନ ଚିହ୍ନିଲେ ।୧୩୮। ତାଙ୍କ ରାଜ୍ୟେ ପାତ୍ରମନ୍ତ୍ରୀ
ସମସ୍ତେ ଅଇଲେ । ନଳରାଜାଙ୍କୁ ହସ୍ତୀର ପୃଷ୍ଟେ ବସାଇଲେ ।୧୩୯।
ଏହା ଶୁଣି ଭୀମ ରାଜା ହରଷ ହୋଇଲେ । ନଳରାଜାଙ୍କୁ ଗୌରବ କରି
ଘେନିଗଲେ ।୧୪୦। ଅନ୍ତପୁରେ ଦମୟନ୍ତୀ ରାଣୀଙ୍କୁ ଚିହ୍ନିଲେ । ଏତ
ଆମ ଦମୟନ୍ତୀ ଦୁହିତା ବୋଇଲେ ।୧୪୧। କି ନିମନ୍ତେ ଏ ବିରୂପ ରୂପ
ହୋଇଥିଲେ ।୧୪୨। ଦମୟନ୍ତୀ ଏହା ପୁଣି ବୁଝାଇ କହିଲେ । ଲକ୍ଷ୍ମୀ
ଦ୍ରୋହ କରିବାରୁ ରାଜ୍ୟେ ତଡ଼ାଇଲେ ।୧୪୩। ବନସ୍ତ ମଧ୍ୟରେ ସଭାଚନ୍ଦ୍ରକୁ
ହରାଇ । ମୋତେ ଛାଡ଼ିକରି ରାଜା ଗଲେକ ପଳାଇ ।୧୪୪। ଏହା
ଶୁଣି ମହାଦେଇ ରାଜାଙ୍କୁ କହନ୍ତି । ଆମ୍ଭ ଗୃହେ ଦମୟନ୍ତୀ ଝିଅ
ରହିଛନ୍ତି ।୧୪୫। ଭୀମରାଜା କହନ୍ତି ନଳ ଆସିଛନ୍ତି । ଏହା ଦେଖି
ରାଜାରାଣୀ ହରଷ ହୁଅନ୍ତି ।୧୪୬। ଦମୟନ୍ତୀଙ୍କୁ ଧରିଣ ନଳ ପାଶେ
ଗଲେ । ଦମୟନ୍ତୀଙ୍କୁ ଦେଖିଣ ନଳ ଖୁସି ହେଲେ ।୧୪୭। ରାଜାରାଣୀଙ୍କ
ପାଦତଳେ ପଡ଼ିଲେ । ମନବାଞ୍ଛା ପୂର୍ଣ୍ଣ ହେଉ ବୋଲିଣ
ବୋଇଲେ ।୧୪୮। କିଛିଦିନ ନଳ ପୁଣି ସେଠାରେ ରହିଲେ । ଏହା
ଦେଖି ରାଜାରାଣୀ ହରଷ ହୋଇଲେ ।୧୪୯। ରାଜାଙ୍କ ଅଗ୍ରତେ ଯାଇଁ
ନଳ ଜଣାଇଲେ । ନିଜ ରାଜ୍ୟେ ଯିବୁ ଆମ୍ଭେ ଆଜ୍ଞା ହୋଇଲେ ।୧୫୦।
ବିଧିମତେ ସନମାନ ନଳରାଜାଙ୍କୁ ଯେ କଲେ । ପାଟ ପୀତାମ୍ବର ରାଜା
ଯେ ପିନ୍ଧିଲେ ।୧୫୧। ନାନା ଅଳଙ୍କାର ଦେଇ ଭୂଷଣ କରିଲେ । ବିନୟ
ହୋଇଣ ରାଣୀ ମାତାଙ୍କୁ କହିଲେ ।୧୫୨। ଦୟା ରଖିବ ପିତା ମାତାଙ୍କୁ
କହିଲେ । ଆଶୀଷ କଲ୍ୟାଣ କରି ବିନୟ ହୋଇଲେ ।୧୫୩। ରତ୍ନ
ହାନ୍ଦୋଳରେ ନେଇ ବିଜେ କରାଇଲେ । ବିନୟ ହୋଇଣ ରାଣୀ ଦାସୀଙ୍କୁ



କହିଲେ ।୧୫୪। ଏହି ସ୍ନେହ ସଦା ରଖିଥିବ ପ୍ରଜାମାନେ। ବିଦାୟ ଦିଅ
ଯାଉଛି ନିଜ କର୍ମ ସ୍ଥଳେ ।୧୫୫। ଶୁଭବେଳେ ରାଜାରାଣୀ ରାଜ୍ୟକୁ
ଗମିଲେ । ପାତ୍ରମନ୍ତ୍ରୀ ସର୍ବେ ସଙ୍ଗେ ଗୋଡ଼ାଇଲେ ।୧୫୬। ଶଙ୍ଖ
ଶବଦରେ ରାଜ୍ୟ କମ୍ପାଇଲେ । ଶୁଭ ଅନୁକୂଳ ଧରି ବାହାର
ହୋଇଲେ ।୧୫୭। କିଛି ଦୂର ଗଲା ପରେ ମନ୍ଦିର ଭେଟିଲେ। ଜୟ
ଶଙ୍ଖ ବୀର ଶଙ୍ଖ ତୂରୀ ବଜାଇଲେ ।୧୫୮। ଯେଉଁ ମୟୂରଟି ରାଣୀ
ମାଳା ଗିଳିଥିଲା । ରାଜାରାଣୀଙ୍କୁ ଚିହ୍ନିଣ ଉଦ୍‌ଗାରିଣ ଦେଲା ।୧୫୯।
ଅଳଙ୍କାର ପାଇ ରାଣୀ ହରଷ ହୋଇଲେ । ସୁରଦେବ ରାଣୀ ଶାପମୁକ୍ତ
ହୋଇଗଲେ ।୧୬୦। ଏଠାବରୁ ପାତ୍ରମନ୍ତ୍ରୀମାନେ ବିଦାକଲେ ।
ତୁମ୍ଭେମାନେ ଯାଅ ଭଲେ ଆମ୍ଭେ ଯିବୁ ଭଲେ ।୧୬୧। ସେଠାବରୁ
ପାତ୍ରମନ୍ତ୍ରୀ ବିଦାୟ ହୋଇଲେ । ରାଜାରାଣୀ ବହୁତ ଆଶିଷ
ବାଣ୍ଟିଲେ ।୧୬୨। ହସ୍ତୀପୃଷ୍ଟେ ବସି ରାଜାରାଣୀ ଚଳିଗଲେ । ବନସ୍ତ
କନ୍ଦରେ ନଦୀ ନିକଟେ ମିଳିଲେ ।୧୬୩। ଶଙ୍ଖଧ୍ୱନି ଶବଦରେ ନଦୀ
କମ୍ପିଗଲା । ଶଙ୍ଖ ଶୁଣିଣ କୁମ୍ଭୀର ତଡ଼ତି ଆସିଲା ।୧୬୪। ସଙ୍ଗେ
ସଙ୍ଗେ ସଭାଚନ୍ଦ୍ର ଉଦ୍‌ଗାରିଲା । ଏ ଜନ୍ମରୁ ମୋତେମୁକ୍ତ କରନ୍ତୁ
ବୋଇଲା ।୧୬୫। ପୁତ୍ରକୁ ପାଇଣ ରାଣୀ ହରଷ ହୋଇଲେ । ଶୁଭ
ଦେବରାଜ୍ୟ ଶାପୁ ମୁକ୍ତ ହୁଅ ଭଲେ ।୧୬୬। ସଭଚନ୍ଦ୍ରକୁ ନେଇଣ କୋଳେ
ବସାଇଲେ । ସେଠାରୁ ରାଜାରାଣୀ ସୁଖରେ ଚଳିଲେ ।୧୬୭। ମହାଲକ୍ଷ୍ମୀ
ନଳକୁ ଯେ ସୁଦୟା କରିଲେ । ବେତାଳମାନଙ୍କୁ ଡାକି ତହୁଁ ଆଜ୍ଞା
ଦେଲେ ।୧୬୮। ରାଜାଙ୍କ ଭଣ୍ଡାର ସର୍ବପୂର୍ଣ୍ଣ କରିଆସ । ପୂର୍ଣ୍ଣକର ଆସି
କହିବଟି ବସ ।୧୬୯। ଏହା ଶୁଣି ବେତାଳ ଯେ ଶୀଘ୍ର ଚଳିଗଲେ ।
ନଳରାଜାଙ୍କ ଭଣ୍ଡାର ସଂପୂର୍ଣ୍ଣ କରିଲେ ।୧୭୦। ଲେଉଟିଣ ଆସି ଲକ୍ଷ୍ମୀ

smarteduguide.com






ପାଶେ ଜଣଶଇଲେ । ଭଣ୍ଡାର ପୂର୍ଣ୍ଣ ଶୁଣିଣ ସନ୍ତୋଷ ହୋଇଲେ ।୧୭୧। ଏ ସମୟେ ନଳରାଜା ରାଜ୍ୟେ ପହଞ୍ଚିଲେ । ସିଂହ ଦରଜେ ପହଞ୍ଚି ହରଷ ହୋଇଲେ ।୧୭୨। ରାଜାରାଣୀ ପାତ୍ରମନ୍ତ୍ରୀ ଦେଖି ଧାଇଁଗଲେ । ସମାରୋହେ ପାଦତଳେ ସର୍ବେ ଲେଉଟିଲେ ।୧୭୨। ରାଜାରାଣୀ ପାତ୍ରମନ୍ତ୍ରୀ ଦେଖି ଧାଇଁଗଲେ । ସମାରୋହେ ପାଦତଳେ ସର୍ବେ ଲେଉଟିଲେ ।୧୭୩। ଉଠ ସର୍ବ ରାଜାରାଣୀ ଏମନ୍ତ କହିଲେ । ଯେ ଯାହାର କାର୍ଯ୍ୟକ୍ରମ ସର୍ବେ ଲିପ୍ତ ହେ଼ଲେ ।୧୭୪। ଅଭିଷେକର ଯୋଗାଡ଼ ମନ୍ତ୍ରୀ କରାଇଲେ । ଶୁଭବେଳେ ରାଜାରାଣୀ ଅଭିଷେକ ହେଲେ ।୧୭୫। ବାଦ୍ୟ ଶବଦରେ ରାଜ୍ୟ ଆନନ୍ଦ କରିଲେ । ନଗ୍ର ବୁଲି ବୁଲି ରାଜା ବହୁ ଧନ ଦେଲେ ।୧୭୬। ଆନନ୍ଦ ହୋଇଣ ରାଜା ପ୍ରଜାଙ୍କୁ ପାଳିଲେ । ରାଜା ପ୍ରଜା ଆନନ୍ଦରେ ସନ୍ତୋଷ ଲଗିଲେ ।୧୭୭। ଏହାପରେ ଶ୍ରୀ ସୁଦଶା ବ୍ରତ ହିଁ ପଡ଼ିଲା । ବ୍ରତ କରିବାକୁ ରାଣୀ ରାଜାଙ୍କୁ କହିଲା ।୧୭୮। ଏମନ୍ତ ଏ ବ୍ରତ ବୋଲି ଇନ୍ଦ୍ରଙ୍କୁ କହନ୍ତେ । ଇନ୍ଦ୍ର ସହିତରେ ଶଚୀ ଏ ବ୍ରତ କରନ୍ତେ ।୧୭୯। ନାରଦ ଋଷିଙ୍କଠାରୁ କଥାକୁ ଶୁଣିଲେ । ବ୍ରତକୁ ସମ୍ପୂର୍ଣ୍ଣ କରି ଦକ୍ଷିଣାକୁ ଦେଲେ ।୧୮୦। ଦକ୍ଷିଣା ପାଇଣ ନାରଦ ବିଜେ କରିଗଲେ । ଏ ବିଧିରେ ନର ନାରୀ ଲକ୍ଷ୍ମୀବ୍ରତ କଲେ ।୧୮୧। ଯେଉଁ ନର ନାରୀ ଏହି ବ୍ରତକୁ କରନ୍ତି । ତାଙ୍କ କାନ୍ଧରୁ ଲକ୍ଷ୍ମୀ କେବେ ନ ଛାଡ଼ନ୍ତି ।୧୮୨। ଏଣ୍ ମହାଲକ୍ଷ୍ମୀ ପାଦେ ଥାଉ ମୋର ମନ୍ତି । ସଦା ଜୟେ ସଂପୂର୍ଣ୍ଣେ ହେ ସୁଦଶା ବ୍ରତଟି ।୧୮୩।

**ଇତି ଶ୍ରୀ ସୁଦଶା ବ୍ରତ ସଦା ଜୟେ ।**

**- ସମାପ୍ତ -**